## ଦୁର୍ଘଟଣାରେ ଜଣେ ମୃତ

ବ୍ରହ୍ମପୁର ଅଫିସ:ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁମ୍ଭରି ନିକଟରେ ଶନିବାର ଏକ ବସ୍ ଧକ୍କାରେ ଲଣ୍ଡା ଦାସଙ୍କ ମୃତ୍ୟୁ ଘଟିଛି। ଲଣ୍ଡା ବାଇକ୍‌ରେ ଗାଁରୁ କୌଣସି କାମରେ ବାଲିପଡା ଆସୁଥିଲେ। ସେହି ସମୟରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ ଗାଡିରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ କାବୁ କରି ତଦନ୍ତ କରୁଥିବା କହିଛି।

# ବର୍ଷା ବିପ୍ଳାତ: ବ୍ରହ୍ମପୁର ମହାନଗର ବେହାଲ




ମହାନଗରର ବିଭିନ୍ନ ସ୍ଥାନରେ ଜମି ରହିଥିବା ବର୍ଷା ପାଣି ।

## ରାସ୍ତାରେ ଲହଡ଼ି ମାରିଲା ନର୍ଦ୍ଦମା ପାଣି

■ ସମସ୍ୟା ସମାଧାନରେ ବିଏମ୍‌ସି ବିଫଳ : ଭାଜପା

ବ୍ରହ୍ମପୁର ଅଫିସ,୧।୪

ପ୍ରବଳ ବର୍ଷା ବିପ୍ଳାତରେ ବ୍ରହ୍ମପୁର ମହାନଗର ଶନିବାର ବେହାଲ ହୋଇଯାଇଛି। ଅପରପକ୍ଷରେ ମଧ୍ୟାହ୍ନରୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ ଆଉ ଏକ ସମସ୍ୟା ହୋଇଥିଲା। ଅନବରତ ବର୍ଷାରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ନର୍ଦ୍ଦମାଗୁଡ଼ିକର ମଇଳା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ଲହଡ଼ି ମାରିବାରୁ ଲୋକଙ୍କ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ମୁଖ୍ୟତଃ ଗୋଷାଣୀନୂଆଗାଁ, ବିଜିପୁର, ଗାନ୍ଧୀନଗର, ପ୍ରେମ ନଗର, ଗେଟ୍ ବଜାର ଓ ଅଶୋକନଗର ସମେତ ବିଭିନ୍ନ ସ୍ଥାନରେ ବର୍ଷାର ତାଣ୍ଡବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିଲା। ବର୍ଷା ହେବାମାତ୍ରେ ଏଭଳି ସମସ୍ୟା ଉପୁଜୁଛି। ଏହାର ସ୍ଥାୟୀ ସମାଧାନ କରିବାରେ ବିଏମ୍‌ସି ବିଫଳ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।

ଭାଜପା ମିଡିଆ ସେଲ୍ ପକ୍ଷରୁ କୁହାଯାଇଛି, ବ୍ରହ୍ମପୁର ପୌରସଂସ୍ଥାକୁ ସରକାର ମହାନଗର ନିଗମରେ ପରିଣତ କରିବାର ୧୫ ବର୍ଷ ବିତିଛି। ନିଗମ ମାନ୍ୟତା ପାଇବା ପରେ ମହାନଗରର ବହୁମୁଖୀ ବିକାଶ ହେବାର ଯେଉଁ ଆଶା କରାଯାଇଥିଲା ତାହା ସ୍ୱପ୍ନରେ ରହିଯାଇଛି। ସବୁବର୍ଷ ବଜେଟରେ ଶହ ଶହ କୋଟି ଟଙ୍କା ବରାଦ ହେଉଛି। ୨୦୨୨-୨୩ ବଜେଟରେ ୪୬୨ କୋଟି ଟଙ୍କା ବରାଦ କରାଯାଇଥିଲା। ୨୦୨୩-୨୪ ବର୍ଷ ବଜେଟରେ ୬୦୧ କୋଟିର ଯୋଜନା ଦୁଇଦିନ ତଳେ ହୋଇଥିବା କର୍ପୋରେଟରଙ୍କ ସାଧାରଣ ବୈଠକରେ ଗୃହୀତ କରାଯାଇଛି। ଏହାସତ୍ତ୍ୱେ ମହାନଗରବାସୀଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ମିଡିଆ ସେଲ୍ ମୁଖ୍ୟ ସୁନୀଲ ସାହୁ ସମାଲୋଚନା କରିଛନ୍ତି।

ସୁନୀଲ ଏକ ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି, ୨୦୧୩ ପୌର ନିର୍ବାଚନ ପାଇଁ ପ୍ରଚାରରେ ଆସିଥିବା ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ଘୋଷଣା କରିଥିଲେ। ସେହିବର୍ଷ ଅକ୍ଟୋବରରେ ଫାଇଲିନ୍ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟି ମହାନଗର ମାନଚିତ୍ର ବଦଳି ଯାଇଥିଲା। ଏହାକୁ ୧୦ ବର୍ଷ ବିତିଛି ଓ ଶହ ଶହ କୋଟି ଟଙ୍କା ସରକାରୀ ଅନୁଦାନ ମିଳୁଛି ଏବଂ ବଜେଟରେ ମଧ୍ୟ ବ୍ୟୟବରାଦ ହେଉଛି। ତେବେ ଠିକ୍ ଭାବେ ବିନିଯୋଗ କରିବାରେ ନିଗମ ବିଫଳ ହୋଇଥିବାରୁ ମହାନଗରବାସୀ ସବୁବର୍ଷ ବର୍ଷାଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଅପରପକ୍ଷେ ଜାନିବିଲି ବୃହତ୍ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟନର ୪ ବର୍ଷ ପରେ ବି ତାହା ଅସମ୍ପୂର୍ଣ୍ଣ ହୋଇ ରହିଛି। ପାଇପ୍ ସଂଯୋଗ ଲାଗି ମହାନଗରର ଅର୍ଦ୍ଧେକ ଅଞ୍ଚଳର ରାସ୍ତା ତାଡ଼ି ଦିଆଯାଇଥିବାରୁ ଏହା ଆଉ ଏକ ସମସ୍ୟା ଭାବେ ଦେଖାଦେଇଛି। ୨୦୦୩ରୁ ଏଯାବତ୍ ପୌରସଂସ୍ଥା ବିଜେଡି ଦଖଲରେ ଅଛି। ତଥାପି ରେଶମ ନଗରୀ ସମସ୍ୟା ସମାଧାନ ପରିବର୍ତ୍ତେ ବଢ଼ିବାରେ ଲାଗିଥିବା ଭାଜପା କଟାକ୍ଷ କରିଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com




@ମାମୁନ



@ମୌସୁମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ନକଲି ମଦ କାରଖାନାରେ ଚଢ଼ାଉ

ବିଦେଶୀ ମଦ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧।୪:** ନକଲି ମଦ କାରଖାନାରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ପୋଲିସ ପକ୍ଷରୁ ଚଢ଼ାଉ ସହ ଦିଗପହଣ୍ଡି ଥାନା କଇଁଠଖଣ୍ଡି ଛକରେ ଶୁକ୍ରବାର ଏକ ମଦ ବୋଝେଇ ଅଟୋକୁ ଧରିଥିଲା। ଉକ୍ତ ମଦ ସରୋଜ କୁମାର ପଣ୍ଡା ନେଇ ଯାଉଥିବା ବେଳେ ଧରାପଡିଥିଲେ। ତାଙ୍କୁ ପଚରାଉଚରା ପରେ ଟିମ୍ ତାଙ୍କ ଘର କେ.ନୂଆଗାଁ ଥାନା ଅନ୍ତର୍ଗତ ଖମ୍ବାରଗାଁରେ ଥିବା ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ଓ କଞ୍ଚାମାଲ ଇତ୍ୟାଦି ଜବତ କରିଥିଲା। ଉକ୍ତ ଫ୍ୟାକ୍ଟ୍ରିରୁ ୪୩୨ ବିଦେଶୀ ମଦ ବୋତଲ, ୩୫ଲିଟର ସ୍ପିରିଟ୍, ୧୭୦୪ ଅବକାରୀ ଏ ଲେବଲ, ୧୬ ଶହ କର୍କ, ଖାଲି ବୋତଲ ଓ ପ୍ୟାକିଂ ମେଶିନ ଇତ୍ୟାଦି ଜବତ ହୋଇଛି। ସରୋଜ ତାଙ୍କ ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ ବୋଲି ଜେରା ବେଳେ କହିଛନ୍ତି। ସେହିପରି କରୋନା ସମୟରେ ବ୍ରହ୍ମପୁର ଓମ୍‌ନଗରରେ ମଧ ଏକ ଘର ଭଡ଼ା ନେଇ ସେଠାରେ ସେ ନକଲି ବିଦେଶୀ ମଦ ପ୍ରସ୍ତୁତ କରି ବିକ୍ରି କରୁଥିଲେ ବୋଲି ଜଣାପଡିଛି। ସରୋଜଙ୍କୁ ମାମଲା ନମ୍ବର ୧୦୫୬/୨୨-୨୩ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଗୋଇନ୍ଦା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୁବେର ସେଠୀ ସୂଚନା ଦେଇଛନ୍ତି। ଚଢ଼ାଉରେ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ, ଏଏସ୍ଆଇ ବସନ୍ତ କୁମାର ବାରିକ, ରଶ୍ମିରଞ୍ଜନ ନାୟକ ଓ କନଷ୍ଟେବଲ ପ୍ରବୀର ସାମଲ ପ୍ରମୁଖ ସାମିଲ ଥିଲେ।

### ବ୍ରହ୍ମପୁର ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ

**ବ୍ରହ୍ମପୁର ଅଫିସ,୧।୪:** ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ ଶନିବାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମକଣ୍ଠ ପରମ୍ପୋକ ଜମି ପଟା ବଣ୍ଟନ କରାଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ, ଡେପୁଟି କମିଶନର ବିନୋଦ କୁମାର ବେହେରା ଓ ତହସିଲଦାର ରବୀନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୫୦ ହିତାଧିକାରୀଙ୍କୁ ପଟା ବଣ୍ଟନ କରାଯାଇଥିଲା। ହିତାଧିକାରୀମାନେ ପଟା ପାଇ ଖୁସି ଅନୁଭବ କରିବା ସହ ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହାକ, ସୁପରଭାଇଜର ମନୋଜ ନାହାକ, ନାଜିର ତ୍ରିଦେବ ପଣ୍ଡା ଓ ଶିବ ପ୍ରସାଦ ଗୌଡଙ୍କ ସମେତ ବ୍ରହ୍ମପୁର ତହସିଲ ଅଧୀନସ୍ଥ ୬ଟି ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

# 'ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କର'



ପୋଲିସ ପ୍ରତିଷ୍ଠା ଦିବସରେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କ ସହ ପୁରସ୍କୃତ ଅଧିକାରୀମାନେ ।

## ପୋଲିସ ପ୍ରତିଷ୍ଠା ଦିବସରେ ୨୮ ଜଣ ପୁରସ୍କୃତ

ବ୍ରହ୍ମପୁର ଅଫିସ ,୧।୪

ବ୍ରହ୍ମପୁରରେ ଯେଉଁ ଉଦ୍ଦେଶ୍ୟ ନେଇ ପୋଲିସ ଜିଲା ପ୍ରତିଷ୍ଠା କରାଯାଇଥିଲା ତାହା ପୂରଣ କରିବା ପାଇଁ ମିଳିତ ଉଦ୍ୟମ ଦରକାର। ଅପରାଧ ନିୟନ୍ତ୍ରଣ କରି ଅପରାଧୀଙ୍କୁ ଦୃଢ଼ ହସ୍ତରେ ଦମନ କରିବା ଦିଗରେ ଏବେ ପୋଲିସର ଭୂମିକା ବେଶ୍ ପ୍ରଶଂସନୀୟ। ନିଜର ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଯତ୍ନବାନ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ କହିଛନ୍ତି। ଶନିବାର ଆମ୍ବପୁଆସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ୮୮ ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ସେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହା ସହିତ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ ସମାଜରେ ଥିବା ଦୁର୍ବଳ ଶ୍ରେଣୀର ଲୋକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ। ରିଜର୍ଭ ଇନ୍ସପେକ୍ଟର ଦିଲୀପ କୁମାର ବେହେରା ପରେଡ଼ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାରେ କାର୍ଯ୍ୟରତ ପୋଲିସର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ଡିଏସ୍‌ପି, ୫ ଇନ୍ସପେକ୍ଟର, ୫ଏସ୍ଆଇ, ୭ ଏଏସ୍ଆଇ, ୩ ହାବିଲଦାର, ୬ କନଷ୍ଟେବଲ ଓ ଜଣେ କିରାଣି ଏପରି ୨୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

## ଫାର୍ମାସିଷ୍ଟ ସେବା ସଂଘ ଜିଲା ଶାଖାର ସାଧାରଣ ସଭା

ବ୍ରହ୍ମପୁର ଅଫିସ,୧।୪

ଆସିକା ରୋଡ୍‌ସ୍ଥିତ ୟୁପିଏଚ୍‌ସି ସଭାଗୃହରେ ଶନିବାର ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କୋଷାଧକ୍ଷ କେ. ଖଲି ସୁବୁଦ୍ଧି ଅଧକ୍ଷତା କରିଥିଲେ। ସଭାରେ ସଂଘ ପକ୍ଷରୁ ଫାର୍ମାସିଷ୍ଟଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିସହ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତି ରୂପେ ନବୀନ କୁମାର ମହାପାତ୍ର, ଉପସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ଓ ଦୁର୍ଗାଚରଣ ପାତ୍ର, ସମ୍ପାଦକ ଅଭିମନ୍ୟୁ ଶତପଥୀ ଓ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପ୍ରମୁଖ ମନୋନୀତ ହୋଇଥିଲେ। ଆସନ୍ତା ୧୭ ତାରିଖରେ ଓଡ଼ିଶା ଫର୍ମାସିଷ୍ଟ ସେବା ସଂଘ ଦ୍ୱାରା ଆହୂତ ଆନ୍ଦୋଳନାତ୍ମକ କାର୍ଯକ୍ରମରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସଂଘ ସମ୍ପାଦକ ଅଭିମନ୍ୟୁ ଶତପଥୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଜିଲା କ୍ରୀଡ଼ା ସଂଘର ଦୁଇଦିନିଆ ଦୌଡ଼କୁଦ ପ୍ରତିଯୋଗିତା



ଦୌଡ଼କୁଦ ପ୍ରତିଯୋଗିତାର ଏସ୍‌ପି, କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୧।୪

ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଦୁଇ ଦିନିଆ ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଅଶୋକ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡ଼.ସର୍ବଣା ବିବେକ ଏମ୍ ଯୋଗଦେଇ ଉଦ୍‌ଘାଟନ କରିବା ସହ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ୩୨ ନମ୍ବର ୱାର୍ଡ଼ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ତଥା କୋଚ ସୁରେନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ବାଳିକା ଓ ବାଳକ ବିଭାଗର ୧୦୦ ମିଟର, ୮୦୦ ମିଟର, ଲମ୍ବଡ଼ିଆଁ ଓ ଉଚ୍ଚ ଡ଼ିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ୪୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ବିଜୟ ଅଧିକାରୀ, କେଦାର ଚୌଧୁରୀ, ପ୍ରମୋଦ ମହାପାତ୍ର, ଶଙ୍କର ପଣ୍ଡା, ସୁଧାଂଶୁ ସେଠୀ, ପ୍ରମୋଦ ପଟ୍ଟନାୟକ, ଆଶିଷ କୁମାର ଜେନା ଓ ବିନାୟକ ହୋତା ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ଗାଳ୍ପିକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର ଅଫିସ୍,୧।୪

ଗାଳ୍ପିକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଏକ ସାରସ୍ୱତ ଶ୍ରଦ୍ଧାଞ୍ଜଳି ସଭା ନୀଳକଣ୍ଠନଗର ହରିହର ଭେଟ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଘ୍ନରାଜ ସାହୁ ଅଧକ୍ଷତା କରିଥିଲେ। ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ତାଙ୍କ ସୃଜନଶୀଳ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଆଲୋକିତ ଧାରାରେ ଏକ ବହୁ ପରିଚିତ ନାମ ଚିତ୍ତରଞ୍ଜନ। ମାନବୀୟ ସମ୍ବେଦନା ଓ ବଦଳୁଥିବା ପୃଥିବୀର ଚିତ୍ର ଏବଂ ଚରିତ୍ରକୁ ନେଇ ସେ ଶତାଧିକ ସଫଳ ଗଳ୍ପ ସୃଷ୍ଟି କରିଛନ୍ତି। ଏ ଯାଏ ପ୍ରକାଶିତ ୭ଟି କ୍ଷୁଦ୍ରଗଳ୍ପ ସଂକଳନରେ ମଣିଷର ଅସହାୟତାକୁ ସେ ଅତି ଚମତ୍କାର ଭାବେ କଥାରୂପ ଦେବା ସହ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିଥିଲେ ବୋଲି ମତ ପ୍ରକାଶ ପାଇଛି। ଏହି ସଭାରେ କଳିଙ୍ଗ ସାହିତ୍ୟ ସମାଜ କର୍ମକର୍ତ୍ତାଗଣ ଉପସ୍ଥିତ ରହି ଗାଳ୍ପିକ ତ୍ରିପାଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭବ୍ୟ ସାରସ୍ୱତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ବନମାଳୀ ପାଣିଗ୍ରାହୀ, ଡ. କୁଳମଣି ଓଝା, ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଡ. ହୃଷୀକେଶ ପଣ୍ଡା, ଦୀନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ଦୁଇ ଝିଅ ସୁଚିସ୍ମିତା ଓ ସୂଚି ଲଗ୍ନା, ପୁତ୍ର ଶ୍ରୀମନ୍ତ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଅତିଥି ।

## ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମ ବୀରପୁତ୍ରଙ୍କ ଅବଦାନ ଅତୁଳନୀୟ

ବ୍ରହ୍ମପୁର ଅଫିସ,୧।୪




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ କୁଳପତି ଗୀତାଞ୍ଜଳି ଦାଶ ଓ ଅନ୍ୟମାନେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ଇତିହାସ ଅଧାପକ ପ୍ରଫେସର ଡ. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତାଭାବେ ରାଜନୀତି ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମ ମାଟିର ବୀରପୁତ୍ରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଡ. ସୁକାନ୍ତ ତ୍ରିପାଠୀ ଓ କୁଳସଚିବ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଇତିହାସ ବିଭାଗ ପ୍ରଫେସର ସଦାନନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ପଟ୍ଟନାୟକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ କହିବା ସହ କେଉଁ କେଉଁ ଧାରା କାର୍ଯ୍ୟକାରୀ ହୋଇଥିଲା ସେ ସମ୍ପର୍କରେ କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ସଂସ୍କାରବାଦୀ ସଂଗଠନ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସ ବିଜିପୁରଠାରେ ପାଳିତ ହୋଇଯାଇଛି। ଏଥିରେ ମଞ୍ଚ ସଭାପତି ତ୍ରିନାଥ ମହାରଣା ସଭାପତିତ୍ୱ କରିଥିଲେ। ସଂଘ ପକ୍ଷରୁ ପୂର୍ବାହ୍ନରେ ସହରରେ ପ୍ରତିଷ୍ଠିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜିପୁର କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବୃନ୍ଦାବନ ଖଟେଇ, ଅଶୋକ କୁମାର ଦଳେଇ, ସମୀର କୁମାର ଆଚାର୍ଯ୍ୟ, ରବି ନାରାୟଣ ସାବତ, ପଙ୍କଜ କୁମାର ନାୟକ ଓ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଧ୍ର ସରକାର କୋରାପୁଟ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଅନୁପ୍ରବେଶ କରି ବିଭିନ୍ନ ଲୋଭନୀୟ ଯୋଜନା ମାଧ୍ୟମରେ ଗରିବ ପରିବାରଙ୍କୁ ନିଜ ଅକ୍ତିଆରକୁ ନେଉଛନ୍ତି। ଯାହାଦ୍ୱାରା ଶତାଧିକ ବର୍ଷ ଧରି ଓଡ଼ିଆ ଓ ତେଲୁଗୁ ଭାଷାଭାଷୀଙ୍କ ଭାଇଚାରାକୁ ଆନ୍ଧ୍ର ସରକାର ନଷ୍ଟ କରିବା ନିନ୍ଦନୀୟ ବୋଲି ସଂଘ କହିଛି। ଅନ୍ୟମାନଙ୍କ ମଧ୍ୟରେ ମୋହନ ଚରଣ ସ୍ୱାଇଁ, ବିଦ୍ୟାଧର ମହାରଣା ଓ ରବୀନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂସ୍କାରବାଦୀ ସଙ୍ଗଠନର ଓଡ଼ିଶା ଦିବସ

